# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 27 February - 2025

### News Editor : Itishree Singh Rathaur

***********************************

## ମୁଖ୍ୟ ସମ୍ବାଦ

- ମହାକୁମ୍ଭ ମେଳାରେ ପ୍ରତ୍ୟେକ ବର୍ଗର ଲୋକ ସାମିଲ ହୋଇ 'ଏକ ଭାରତ-ଶ୍ରେଷ୍ଠ ଭାରତ'ର ଭାବନାକୁ ପ୍ରତିପାଦନ କରିଛନ୍ତି, କହିଲେ, ପ୍ରଧାନମନ୍ତ୍ରୀ
- ଭୁବନେଶ୍ୱର ଏକାମ୍ର କ୍ଷେତ୍ରର ପାରିପାର୍ଶ୍ୱିକ ବିକାଶ ପାଇଁ ସରକାର ପଦକ୍ଷେପ ନେଉଛନ୍ତି, କହିଲେ ମୁଖ୍ୟମନ୍ତ୍ରୀ
- ପୁରୀରେ ଆସନ୍ତାକାଲି ଅନୁଷ୍ଠିତ ହେବ ଜାତୀୟ ଶିଖର ସମ୍ମିଳନୀ; ଯୋଗଦେବେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି.ନଡ୍ଡା

ଏବଂ

- ବାଲେଶ୍ୱର ଚାନ୍ଦିପୁରରୁ ପ୍ରଥମ ନାଭାଲ ଆଣ୍ଟିସିପ୍ କ୍ଷେପଣାସ୍ତ୍ର ସଫଳ ପରୀକ୍ଷଣ

## ମହାକୁମ୍ଭ

ମହାକୁମ୍ଭ ମେଳାରେ ସମାଜର ପ୍ରତ୍ୟେକ ବର୍ଗର ଲୋକ ସାମିଲ ହୋଇ 'ଏକ ଭାରତ-ଶ୍ରେଷ୍ଠ ଭାରତ'ର ଭାବନାକୁ ପ୍ରତିପାଦନ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ମହାକୁମ୍ଭ ସମୟରେ ୧୪୦ କୋଟି ଭାରତୀୟଙ୍କ ଆସ୍ଥା ସମସ୍ତଙ୍କୁ ଅଭିଭୂତ କରିଛି।  ମହାକୁମ୍ଭ ମେଳାକୁ ଏକତାର ମହାଯଜ୍ଞ ଭାବେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ ଏହା ମାଧ୍ୟମରେ ଦେଶ ନିଜର ଐତିହ୍ୟକୁ ନେଇ ଗର୍ବ କରିଛି ଏବଂ ନୂଆ ଉତ୍ସାହର ସହିତ ଆଗକୁ ବଢୁଛି ବୋଲି କହିଛନ୍ତି। ଏହି ମେଳାରେ ଏତେ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଆଗମନ କେବଳ ଏକ ରେକର୍ଡ ନୁହେଁ ବରଂ ଭାରତୀୟ ସଂସ୍କୃତି ଏବଂ ଐତିହ୍ୟକୁ ଅନେକ ଶତାବ୍ଦୀ ପର୍ଯ୍ୟନ୍ତ ସମୃଦ୍ଧ ରଖିବା ଲାଗି ଏକ ମୂଳଦୁଆ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି। ମହାକୁମ୍ଭର ସଫଳ ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିବା ସହିତ ସମସ୍ତ ଅଂଶୀଦାରଙ୍କୁ ସେମାନଙ୍କ କଠିନ ପରିଶ୍ରମ ଏବଂ ଉଦ୍ୟମ ଓ ଦୃଢ଼ ସଂକଳ୍ପକୁ ଉଚ୍ଚପ୍ରଶଂସା କରିଛନ୍ତି।

## ମହାକୁମ୍ଭ-ଅଶ୍ୱିନୀ ବୈଷ୍ଣବ

ମହାକୁମ୍ଭ ମେଳା ଅବସରରେ ରେଳବାଇ ପକ୍ଷରୁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିବା ସହ ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ଉଚ୍ଚପ୍ରଶଂସା କରିଛନ୍ତି। ପ୍ରୟାଗରାଜ ଜଙ୍କସନ୍‌ଠାରେ ଆଜି ପହଞ୍ଚି ମନ୍ତ୍ରୀ ଶ୍ରୀ ବୈଷ୍ଣବ ବିଭାଗୀୟ ଅଧିକାରୀଙ୍କ ସହ ମତ ବିନିମୟ କରିଥିଲେ। ମହାକୁମ୍ଭର

ଆୟୋଜନ ଭାରତୀୟ ସଂସ୍କୃତି ଓ ସାମାଜିକ ସମାନତାର ପ୍ରତୀକ ବୋଲି ସେ କହିଛନ୍ତି। ଏହି ସଫଳ ଆୟୋଜନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଶ୍ରୀ ବୈଷ୍ଣବ କୃତଜ୍ଞତା ଜଣାଇବା ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପ୍ରଶଂସା କରିଛନ୍ତି। ମହାକୁମ୍ଭ ନିମନ୍ତେ ୧୬ ହଜାରରୁ ଅଧିକ ଟ୍ରେନ୍ ଚଳାଚଳ କରିଥିଲା। ପ୍ରୟାଗରାଜରୁ ସାଢ଼େ ୪ କୋଟିରୁ ଅଧିକ ଯାତ୍ରୀ ଏହି ସମୟରେ ଟ୍ରେନରେ ଯାତାୟାତ କରିଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି। ମହାକୁମ୍ଭ ପାଇଁ ୨୧ଟିରୁ ଅଧିକ ଫ୍ଲାଇଓଭର ଏବଂ ଅଣ୍ଡରପାସ୍ ନିର୍ମାଣ କରାଯାଇଥିଲା ବୋଲି ସେ କହିଛନ୍ତି।

**- V/O -**

ସୂଚନାଯୋଗ୍ୟ, ଗତ ମାସ ୧୩ ତାରିଖରୁ ଆରମ୍ଭ ହୋଇଥିବା ମହାକୁମ୍ଭ ମେଳା ଗତକାଲି ମହାଶିବରାତ୍ରୀ ଅବସରରେ ଶେଷ ହୋଇଛି।

## ଲିଙ୍ଗରାଜ-ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଏବଂ ଏକାମ୍ର କ୍ଷେତ୍ରର ପାରିପାର୍ଶ୍ୱିକ ବିକାଶ ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପୁରୁଣା ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ଭବନ ମଣ୍ଡପଠାରେ ଗତ ସନ୍ଧ୍ୟାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟର ଆଧ୍ୟାତ୍ମିକ ସ୍ଥାନଗୁଡ଼ିକର ଉନ୍ନତୀକରଣ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଆଧ୍ୟାତ୍ମିକ ପର୍ଯ୍ୟଟନକ୍ଷେତ୍ରଗୁଡ଼ିକର ଉନ୍ନତି ସାଧନ

ସହିତ ଅର୍ଥନୈତିକ ଅଭିବୃଦ୍ଧି ଦିଗରେ ସରକାର କାର୍ଯ୍ୟରତ ଅଛନ୍ତି। ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହ ରାଜ୍ୟକୁ ପ୍ରଗତି ପଥରେ ଆଗେଇନେଇ ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ନେଇ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ମାଝୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଯୋଗୁଁ ଦେଶକୁ ଆଧ୍ୟାତ୍ମିକତା କ୍ଷେତ୍ରରେ ଏକ ନୂଆ ପରିଚୟ ମିଳିଛି ବୋଲି ସେ କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅପରାଜିତା ଷଡଙ୍ଗୀ, ବିଧାୟକ ବାବୁ ସିଂ, ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଯୋଗ ଦେଇଥିଲେ।

## ଜେ.ପି.ନଡ୍ଡା ଓଡ଼ିଶା ଗସ୍ତ

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ୍ ପ୍ରକାଶ ନଡ୍ଡା ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସି ଆଜି ସନ୍ଧ୍ୟାରେ ଭୁବନେଶ୍ୱରଠାରେ ପହଞ୍ଚିବେ। ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରେ ପହଂଚିବା ପରେ ଶ୍ରୀ ନଡ୍ଡା ପୁରୀ ଯାଇ କୋଣାର୍କ ଇକୋ-ରିସର୍ଟରେ ରାତ୍ରୀଯାପନ କରିବେ।

ଆସନ୍ତାକାଲି ପୁରୀରେ ନବମ ଜାତୀୟ ଶିଖର ସମ୍ମିଳନୀରେ ଯୋଗଦେବା ସହ ସ୍ୱାସ୍ଥ୍ୟ ମିଶନର ୧୬ତମ ସାଧାରଣ ସମୀକ୍ଷା ରିପୋର୍ଟକୁ ଲୋକାର୍ପଣ କରିବାର କାର୍ଯ୍ୟସୂଚୀ ରହିଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଜନସ୍ୱାସ୍ଥ୍ୟ ସେବା ପ୍ରଣାଳୀରେ ଉତ୍ତମ ଓ ଅନୁକରଣୀୟ ଅଭ୍ୟାସ ଏବଂ ନବୋନ୍ମେଷ ଉପରେ ଏହି ସମ୍ମିଳନୀ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଯୋଗଦେବେ ।

## କ୍ଷେପଣାସ୍ତ୍ର

ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ-ଡିଆରଡିଓ ଏବଂ ଭାରତୀୟ ନୌସେନା ପକ୍ଷରୁ ବାଲେଶ୍ୱର ଚାନ୍ଦିପୁରସ୍ଥିତ ଏକୀକୃତ ପରୀକ୍ଷାକେନ୍ଦ୍ରରେ ଦେଶର ପ୍ରଥମ ନାଭାଲ୍ ଆଣ୍ଟିସିପ୍ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରାଯାଇଛି । ଶତ୍ରୁପକ୍ଷ ଜାହାଜକୁ ଲକ୍ଷ୍ୟ ଭେଦ କରିବାର ଦକ୍ଷତା ଥିବା ଏହି କ୍ଷେପଣାସ୍ତ୍ର ଭାରତୀୟ ନୌସେନାର ସନ୍ଧାନୀ ହେଲିକପ୍ଟରରୁ ଗତକାଲି ପରୀକ୍ଷା କରାଯାଇଥିଲା । ସ୍ୱଦେଶୀ ନିର୍ମିତ ଇମେଜିଂ ଇନ୍‌ଫ୍ରାରେଡ୍ ସିକର କୌଶଳକୁ ବ୍ୟବହାର କରାଯାଇ ଏହି ପରୀକ୍ଷା ସମ୍ପନ୍ନ ହୋଇଛି। ଏହି ସଫଳ ପରୀକ୍ଷଣ ପାଇଁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ' ଡିଆର୍‌ଡିଓ ଏବଂ ଭାରତୀୟ ନୌସେନାକୁ ପ୍ରଶଂସା କରିଛନ୍ତି ।

ଏହି ମିଶାଇଲ୍ ଭାରତୀୟ ନୌସେନାରେ ଜଡିତ ହେବା ପରେ ନୌସେନାର କ୍ଷମତା ବୃଦ୍ଧି ପାଇବ ବୋଲି ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି।

## କିଶୋରୀ-କିଶୋର ସମାବେଶ

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା କିଶୋରୀ-କିଶୋର ସମାବେଶ ଆଜିଠାରୁ ଆରମ୍ଭ ହେଉଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେବା ସହ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହିବାର କାର୍ଯ୍ୟସୂଚୀ ରହିଛି। ଆସନ୍ତାମାସ ୮ ତାରିଖରେ ଆନ୍ତର୍ଜାତିକ ମହିଳା ଦିବସ ପାଳନ ପରିପ୍ରେକ୍ଷୀରେ ଏହି ସମାବେଶର ଆୟୋଜନ କରାଯାଇଛି।

## ସି.ଏଚ୍.ଏସ୍.ଇ.

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସି.ଏଚ୍.ଏସ୍.ଇ. ପକ୍ଷରୁ ଚାଲିଥିବା ଯୁକ୍ତଦୁଇ ପରୀକ୍ଷାର ପରୀକ୍ଷା ଖାତା ମୂଲ୍ୟାୟନ ଆସନ୍ତା ଏପ୍ରିଲ ୨ ତାରିଖରୁ ଆରମ୍ଭ ହେବ। ଏପ୍ରିଲ୍ ୨୬ ତାରିଖ ସୁଦ୍ଧା ମୂଲ୍ୟାୟନ କାର୍ଯ୍ୟ ଶେଷ ହୋଇ ମଇ ୧୦ ତାରିଖ ସୁଦ୍ଧା ଫଳ ପ୍ରକାଶନ ପାଇଁ ପରିଷଦ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ଚଳିତବର୍ଷ ସବୁ ଜିଲ୍ଲାରେ ମୂଲ୍ୟାୟନ କେନ୍ଦ୍ର ଖୋଲିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ସମଗ୍ର ରାଜ୍ୟରେ ୫୭ଟି ଇ-ମୂଲ୍ୟାୟନ କେନ୍ଦ୍ର ଖୋଲିବାକୁ ପଦକ୍ଷେପ ନିଆଯାଇଛି। ସେହିଭଳି ପାରମ୍ପରିକ ପଦ୍ଧତି ମାଧ୍ୟମରେ ୭୭ଟି ମୂଲ୍ୟାୟନ କେନ୍ଦ୍ର ସ୍ଥାପନ ପାଇଁ ପରିଷଦ ପକ୍ଷରୁ ନିଷ୍ପତ୍ତି ହୋଇଛି। ମୂଲ୍ୟାୟନ କାର୍ଯ୍ୟରେ ରାଜ୍ୟର ପାଖାପାଖି ୧୫ ହଜାର ଅଧ୍ୟାପକ ନିୟୋଜିତ ହେବେ ଏବଂ ଅଧ୍ୟାପକ ନିଜ ଜିଲ୍ଲାରେ ଖାତା ଦେଖିବାର ବ୍ୟବସ୍ଥା ରହିବ ବୋଲି ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଯୁକ୍ତଦୁଇ ଥିଓରୀ ପରୀକ୍ଷା ଆସନ୍ତା ମାସ ୨୭ ତାରିଖରେ ଶେଷ ହେବ।

## ଛାତ୍ରୀମୃତ୍ୟୁ-ଉଚ୍ଚସ୍ତରୀୟ କମିଟି

ଭୁବନେଶ୍ୱରସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟରେ ଛାତ୍ରୀମୃତ୍ୟୁ ଘଟଣା ନେଇ ଉଚ୍ଚସ୍ତରୀୟ କମିଟି ପକ୍ଷରୁ ତଦନ୍ତ ଜାରି ରହିଛି। ବିଶ୍ୱବିଦ୍ୟାଳୟର ୬ ଜଣ ଅଧିକାରୀ ଆଜି କମିଟି ସମ୍ମୁଖରେ ହାଜର ହୋଇ ନିଜର ପକ୍ଷ ରଖିଥିବା ଜଣାପଡିଛି।

## ବରିଷ୍ଠ ତୀର୍ଥଯାତ୍ରା ଯୋଜନା

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅଧୀନରେ ଆଜି ଭଦ୍ରକ ଜିଲ୍ଲାରୁ ୧୧୬ ଜଣ ବରିଷ୍ଠ ନାଗରିକ ଶିରିଡି ଅଭିମୁଖେ ଯାତ୍ରା କରିଛନ୍ତି। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆମ ଭଦ୍ରକ ସମ୍ବାଦଦାତା ଅଶୋକ କୁମାର ନାୟକ କହିଛନ୍ତି...

# - V/O –

## ଦୁର୍ଘଟଣା

**କୋରାପୁଟ** ଜିଲ୍ଲା ଡୁରୁବା ନିକଟ ପୋଲରେ ଦୁର୍ଘଟଣାରେ ଦୁଇଜଣ ଯୁବକଙ୍କ ମୃତ୍ୟୁ ହୋଇଥିବାବେଳେ ଜଣେ ଆହତ ହୋଇଛନ୍ତି। ଆହତଙ୍କୁ ନନ୍ଦପୁର ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ, ବାଇକ୍ ଯୋଗେ ୩ ଜଣ ଆସୁଥିବାବେଳେ ପୋଲରୁ ବାଇକ୍ ସହ ଖସିପଡିଥିଲେ। ଏଥିରେ ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ହୋଇଥିଲା।

## ଜୟନ୍ତୀ

ପୁଣ୍ୟାତ୍ମା ଆଚାର୍ଯ୍ୟ ହରିହର ଦାସଙ୍କ ଜୟନ୍ତୀ ଆଜି ପାଳିତ ହେଉଛି । ଆଜି ସକାଳେ ଭୁବନେଶ୍ୱର ଆଚାର୍ଯ୍ୟବିହାରସ୍ଥିତ ଆଚାର୍ଯ୍ୟ ହରିହର ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ବ୍ୟକ୍ତିମାନେ ମାଲ୍ୟାର୍ପଣ କରିଛନ୍ତି। ସନ୍ଧ୍ୟାରେ ଜୟଦେବ ଭବନରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## କବାଡି

**ନୂଆପଡା** ଜିଲ୍ଲାରେ ଆସନ୍ତା ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ମହିଳା କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲ୍ଲାର ୫ଟି ବ୍ଲକ୍‌ର ଅଙ୍ଗନୱାଡି କର୍ମୀ ଓ ସହାୟିକାମାନେ ଏଥିରେ ଭାଗ ନେବେ। କବାଡି ପ୍ରତିଯୋଗିତା ପାଇଁ ଆଜିଠାରୁ ଦଳ ଚୟନ ଆରମ୍ଭ ହୋଇଛି।

## ପାଣିପାଗ

ରାଜ୍ୟରେ ଆସନ୍ତା ଦୁଇଦିନ ପର୍ଯ୍ୟନ୍ତ ପାଣିପାଗରେ ବିଶେଷ ପରିବର୍ତ୍ତନ ହେବ ନାହିଁ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତାକାଲିଠାରୁ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଦିଆଯାଇଥିବା ସୂଚନା ଅନୁଯାୟୀ, ଆସନ୍ତା ୬ ତାରିଖ ପର୍ଯ୍ୟନ୍ତ ରାଜ୍ୟର ପାଗ ମୁଖ୍ୟତଃ ଶୁଖିଲା ରହିବ।